# NATIONAL NEWS BULLETIN (ODIA)

**27 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ସମସ୍ତ ବୁଝାମଣାର ଜନନୀ, କହିଲେ ପ୍ରଧାନମନ୍ତ୍ରୀ

– ୧୪୦ କୋଟି ଭାରତୀୟଙ୍କ ପାଇଁ ଏହି ବୁଝାମଣା ନୂତନ ସୁଯୋଗ ସୃଷ୍ଟି କରିବ

- ସଂସଦର ବଜେଟ୍ ଅଧିବେଶନ ପୂର୍ବରୁ ନୂଆଦିଲ୍ଲୀରେ ଚାଲିଛି ସର୍ବଦଳୀୟ ବୈଠକ

– ଆସନ୍ତାକାଲିଠାରୁ ଆରମ୍ଭ ହେବ ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ -

-

- ଭାରତର ଆଭ୍ୟନ୍ତରୀଣ ବ୍ୟାପାର ସଂପର୍କରେ ମତାମତ ଦେବା ଲାଗି ପାକିସ୍ତାନର କୌଣସି ଅଧିକାର ନାହିଁ ବୋଲି ଜାତିସଂଘରେ ଭାରତର ଦୃଢ଼ୋକ୍ତି

ଏବଂ

- ବିଶ୍ୱର ସର୍ବବୃହତ ଅନ୍ତର୍ଜାତୀୟ ନାଟ୍ୟ ମହୋତ୍ସବ ଭାରତ ରଙ୍ଗମହୋତ୍ସବର ୨୫ତମ ସଂସ୍କରଣ ଆଜିଠାରୁ ହେବ ଆରମ୍ଭ

---

## ପିଏମ୍-ଏନର୍ଜି ଓ୍ୱିକ୍

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ସମସ୍ତ ବୁଝାମଣାର ଜନନୀ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ବିଶ୍ୱର

ଦୁଇଟି ବୃହତ ଅର୍ଥନୀତି ମଧ୍ୟରେ ସମନ୍ୱୟର ଏହା ଏକ ଶ୍ରେଷ୍ଠ ଉଦାହରଣ ବୋଲି କହିବା ସହ ଶ୍ରୀ ମୋଦୀ କହିଛନ୍ତି, ଏହା ଭାରତର ନିର୍ମାଣ ଏବଂ ସେବା କ୍ଷେତ୍ରକୁ ତ୍ୱରାନ୍ୱିତ କରିବ । ଆଜି ଆଭାସୀ ଜରିଆରେ ଭାରତ ଶକ୍ତି ସପ୍ତାହ ୨୦୨୬ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ବୁଝାମଣା ଭାରତର ୧୪୦ କୋଟି ଏବଂ ୟୁରୋପୀୟ ସଂଘର କୋଟିକୋଟି ଲୋକଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ । ଉଭୟ ପକ୍ଷ ବିଶ୍ୱର ୨୫ ପ୍ରତିଶତ ଜିଡିପି ଏବଂ ବିଶ୍ୱ ବାଣିଜ୍ୟର ଏକତୃତୀୟାଂଶ ଅଂଶୀଦାର ଅଟନ୍ତି ।

**V/O (1= PM Modi)**

ପ୍ରଧାନମନ୍ତ୍ରୀ ଭାରତକୁ ବିଶ୍ୱର ଦ୍ରୁତଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥନୀତି ଭାବରେ ଅଭିହିତ କରି ଶକ୍ତିକ୍ଷେତ୍ରରେ ଭାରତରେ ବ୍ୟାପକ ସୁଯୋଗ ରହିଥିବା କହିଛନ୍ତି । ବିଶ୍ୱରେ ପେଟ୍ରୋଲିୟମ ସାମଗ୍ରୀ ରପ୍ତାନୀ କ୍ଷେତ୍ରରେ ପ୍ରମୁଖ ୫ଟି ରାଷ୍ଟ୍ର ମଧ୍ୟରେ ଭାରତ ରହିଥିବା ଶ୍ରୀ ମୋଦୀ କହିଛନ୍ତି ।

ଭାରତ ଶକ୍ତି ସପ୍ତାହ, ଶକ୍ତିକ୍ଷେତ୍ରରେ ଆଲୋଚନା ଏବଂ ପଦକ୍ଷେପ ପାଇଁ ଏକ ବିଶ୍ୱସ୍ତରୀୟ ମଞ୍ଚ ସୃଷ୍ଟି କରିଥିବା ସେ କହିଛନ୍ତି । ଏହା ଦ୍ୱାରା ଦେଶର ଶକ୍ତିକ୍ଷେତ୍ରକୁ ବିଶ୍ୱସ୍ତରରୁ ଅଧିକ ନିବେଶ ମିଳିପାରିବ ବୋଲି ସେ କହିଛନ୍ତି ।

**V/O (2= PM Modi)**

ପ୍ରଧାନମନ୍ତ୍ରୀ କହିଛନ୍ତି, ରିଫାଇନିଂ ସାମର୍ଥ୍ୟ କ୍ଷେତ୍ରରେ ଭାରତ ବିଶ୍ୱରେ ୨ ନମ୍ବରରେ ଥିବାବେଳେ ଖୁବ୍‌ଶୀଘ୍ର ଏହା ପ୍ରଥମ ସ୍ଥାନ ଅକ୍ତିଆର କରିବ । ଭାରତର ବାର୍ଷିକ ୨୬୦ ମିଲିୟନ ମେଟ୍ରିକ୍ ଟନ୍ ରିଫାଇନିଂ ସାମର୍ଥ୍ୟ ଥିବା ବେଳେ ଏହାକୁ

୩୦୦ ମିଲିୟନ ମେଟ୍ରିକ୍ ଟନ୍ କରିବା ଲାଗି ପ୍ରଚେଷ୍ଟା ଜାରି ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପିଏମ୍-ଇୟୁ ଟକ୍ସ

ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଆଜି ପ୍ରତିନିଧି ସ୍ତରୀୟ ଆଲୋଚନା ପରେ କେତେକ ବୁଝାମଣାକୁ ଚୂଡ଼ାନ୍ତ ରୂପ ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନ ଅଧକ୍ଷ ଇର୍ସୁଲା ଭନ୍ ଡେର୍ ଲେନ୍ ଙ୍କ ସହ ନୂଆଦିଲ୍ଲୀରେ ଆଲୋଚନା କରିଥିଲେ ।

୨୦୦୪ ମସିହା ପରଠାରୁ ଭାରତ ଏବଂ ୟୁରୋପୀୟ ସଂଘ ରଣନୈତିକ ଭାଗିଦାର ଅଛନ୍ତି । ୨୦୨୦ ଜୁଲାଇ ୧୫ରେ ଉଭୟ ଦେଶ ମଧ୍ୟରେ ପଞ୍ଚଦଶ ସମ୍ମିଳନୀ ଆଭାସୀ ଜରିଆରେ ଅନୁଷ୍ଠିତ ହୋଇଥିଲା । ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ଭାରତ-ୟୁରୋପୀୟ ସଂଘ ଶିଖରଆଲୋଚନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ୟୁରୋପୀୟ ସଂଘ ଏବଂ ୟୁରୋପୀୟ କମିଶନ୍‌ର ଅଧକ୍ଷ ଅଧକ୍ଷତା କରିଥିଲେ । ଗତବର୍ଷ ଫେବୃୟାରୀରେ ୟୁରୋପୀୟ ସଂଘର ଭାରତ ଗସ୍ତ ପରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କରିବା ନେଇ ଆଲୋଚନା ହୋଇଥିଲା । ଗତକାଲି ୭୭ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ୟୁରୋପୀୟ ସଂଘର ନେତା ମୁଖ୍ୟଅତିଥି ଭାବେ ଯୋଗ ଦେବା ସହ ଷୋଡ଼ଶ ଭାରତ-ୟୁରୋପୀୟ ସଂଘ ଶିଖର ଆଲୋଚନା ଉଭୟ ଦେଶ ମଧ୍ୟରେ ରଣନୈତିକ ଭାଗିଦାରିତାକୁ ଦୃଢ଼ କରିଛି ।

## ଉର୍ସୁଲା-ଡିଲ୍

ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟନ କହିଛନ୍ତି, ଭାରତ ଏବଂ ୟୁରୋପୀୟ ସଂଘ ବହୁ ପ୍ରତୀକ୍ଷିତ ବାଣିଜ୍ୟ ଚୁକ୍ତିନାମା ଶେଷ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ବୁଝାମଣାକୁ ସମସ୍ତ ଚୁକ୍ତିର ଜନନୀ ବୋଲି ବର୍ଣ୍ଣନା କରି ସେ କହିଛନ୍ତି, ଏହି ଚୁକ୍ତି ଅଧୀନରେ ମୁକ୍ତ ବାଣିଜ୍ୟ ଜୋନ୍ ସୃଷ୍ଟି କରାଯାଇ ୨୦୦ କୋଟି ଲୋକଙ୍କୁ ଲାଭ ଯୋଗାଇ ଦିଆଯିବ । ସେ କହିଛନ୍ତି, ଉଭୟ ପକ୍ଷ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କକୁ ଏହି ଚୁକ୍ତି ଏକ ନୂଆ ରୂପ ଦେବ । ଆଗାମୀ ଦିନରେ ଉଭୟ ପକ୍ଷ ମଧ୍ୟରେ ରଣନୈତିକ ଭାଗିଦାରିତା ଆହୁରି ଦୃଢ଼ ହେବ ବୋଲି ୟୁରୋପୀୟ କମିଶନ୍ ର ଅଧ୍ୟକ୍ଷ କହିଛନ୍ତି ।

---

## ଅଲ୍ ପାର୍ଟି ମିଟିଂ

ବଜେଟ୍ ଅଧିବେଶନ ପୂର୍ବରୁ ନୂଆଦିଲ୍ଲୀର ସଂସଦୀୟ କକ୍ଷରେ ସର୍ବଦଳୀୟ ବୈଠକ ଜାରି ରହିଛି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ବୈଠକରେ ଅଧ୍ୟକ୍ଷତା କରୁଛନ୍ତି । ରାଜ୍ୟସଭାରେ ଗୃହର ନେତା ଜେ.ପି. ନଡ୍ଡା, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଏବଂ ଡକ୍ଟର ଏଲ୍. ମୁରୁଗାନ୍ ବୈଠକରେ ଉପସ୍ଥିତ ଅଛନ୍ତି । ଏହା ବ୍ୟତୀତ କଂଗ୍ରେସ ନେତା ଜୟରାମ ରମେଶ, ଡିଏମକେ ନେତା ତିରୁଚି ସେବା, ତୃଣମୂଳ କଂଗ୍ରେସ ନେତା ସାଗରିକା ଘୋଷ ଏବଂ ସମାଜବାଦୀ ପାର୍ଟି ସାଂସଦ ରାମଗୋପାଳ ଯାଦବ ବୈଠକରେ ସାମିଲ ହୋଇଛନ୍ତି ।

ପ୍ରଥମ ପର୍ଯ୍ୟାୟ ଅଧିବେଶନ ଆସନ୍ତାକାଲିଠାରୁ ଫେବୃଆରୀ ୧୩ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ। ବଜେଟ ଅଧିବେଶନରେ ୩୦ଟି ବୈଠକ ହେବ । ଫେବୃଆରୀ ୧ରେ ୨୦୨୬-୨୭

ଆର୍ଥିକ ବର୍ଷ ଲାଗି କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରାଯିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଲୋକସଭା ଏବଂ ରାଜ୍ୟସଭାର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ ।

## ରାଜନାଥ-ଡିଆରଡିଓ

ଉନ୍ନତ ପ୍ରଯୁକ୍ତି ବିଦ୍ୟାର ବିକାଶ କରି ଦେଶର ସୁରକ୍ଷା ବ୍ୟବସ୍ଥାରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ-ଡିଆରଡିଓ ପ୍ରମୁଖ ଭୂମିକା ଗ୍ରହଣ କରିଛି । ନୂଆଦିଲ୍ଲୀରେ ଆଜି ଡିଆରଡିଓ ବୈଜ୍ଞାନିକମାନଙ୍କ ସମ୍ବର୍ଦ୍ଧନା ସମାରୋହକୁ ଉଦ୍‌ବୋଧନ ଦେବା ଅବସରରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଏରନଟିକ୍ସରୁ ଆରମ୍ଭ କରି ଅତ୍ୟାଧୁନିକ କମ୍ପ୍ୟୁଟିଂ ପର୍ଯ୍ୟନ୍ତ ଡିଆରଡିଓର ଦେଶ ମଧ୍ୟରେ ୪୫ଟି ପରୀକ୍ଷାଗାର ରହିଛି ଏବଂ ଏଗୁଡ଼ିକ ଦେଶର ପ୍ରତିରକ୍ଷା ସାମର୍ଥ୍ୟର ମେରୁଦଣ୍ଡ ପାଲଟିଛନ୍ତି । ଶ୍ରୀ ସିଂ କହିଛନ୍ତି, ଦେଶର ପ୍ରତିରକ୍ଷା ଇକୋସିଷ୍ଟମ୍‌କୁ ଆହୁରି ବିକଶିତ କରିବା ଲାଗି ଶିଳ୍ପ, ଶିକ୍ଷା ପ୍ରତିଷ୍ଠାନ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି ।

**V/O (Rajnath Singh)**

## ଇଣ୍ଡିଆ ୟୁଏନ୍- ସିନ୍ଦୂର

ଅପରେସନ ସିନ୍ଦୂର ନେଇ ଜାତିସଂଘରେ ପାକିସ୍ତାନର ମନ୍ତବ୍ୟକୁ ଭାରତ ତୀବ୍ର ବିରୋଧ କରିଛି । ଭାରତର ଆଭ୍ୟନ୍ତରୀଣ ବ୍ୟାପାର ବିଶେଷକରି ଜମ୍ମୁ କାଶ୍ମୀର ସଂପର୍କିତ ମାମଲାରେ ମତାମତ ଦେବା ଲାଗି ପାକିସ୍ତାନର କୌଣସି ଅଧିକାର ନାହିଁ ବୋଲି ଭାରତ କହିଛି । ଜାତିସଂଘ ସୁରକ୍ଷା ପରିଷଦର ମୁକ୍ତ

ବିତର୍କରେ ଭାଗ ନେଇ ପାକିସ୍ତାନ ରାଷ୍ଟ୍ରଦୂତ  ଅସୀମ୍ ଇଫ୍‌ତିଖାର୍ ଅହମ୍ମଦଙ୍କ ଆନ୍ତର୍ଜାତିକ ନିୟମ ଅନୁପାଳନ ସଂପର୍କିତ ମନ୍ତବ୍ୟକୁ କଡ଼ା ସମାଲୋଚନା କରି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପି.ହରିସ୍ କହିଛନ୍ତି, ଆତଙ୍କବାଦକୁ ନିଜର ନୀତି ଭାବେ ଗ୍ରହଣ କରିଥିବା ପାକିସ୍ତାନ କାର୍ଯ୍ୟକଳାପ ଆଦୌ ଗ୍ରହଣୀୟ ନୁହେଁ । ସେ କହିଛନ୍ତି, ପାକିସ୍ତାନ ଏକମାତ୍ର ଏଜେଣ୍ଡା ହେଉଛି ଭାରତ ଏବଂ ତା'ର ଲୋକଙ୍କ କ୍ଷତି କରିବା ।

ପାକିସ୍ତାନ ପକ୍ଷରୁ ଆତଙ୍କବାଦକୁ କେବେ ମଧ୍ୟ ମୂଳପୋଛ କରାଯାଇ ପାରିବ ନାହିଁ ବୋଲି ଦିଆଯାଇଥିବା ମନ୍ତବ୍ୟକୁ ଖଣ୍ଡନ କରି ପି. ହରିସ୍ କହିଛନ୍ତି, ଅପରେସନ ସିନ୍ଦୂର ମାଧ୍ୟମରେ ଆତଙ୍କବାଦର କଡ଼ା ଜବାବ ଦିଆଯାଇଛି ।

## ଇଣ୍ଡିଆ-ୟୁଏନ୍‌ୟୁଏନ୍‌ଏସି

ଭାରତ ଏବଂ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍' ଜାତିସଂଘ ସୁରକ୍ଷା ପରିଷଦରେ ତୁରନ୍ତ ସଂସ୍କାର ଲାଗି ଆହ୍ୱାନ ଦେଇଛନ୍ତି । ଏହି ବିଶ୍ୱସ୍ତରୀୟ ସଂଗଠନର କାର୍ଯ୍ୟଦକ୍ଷତା ଓ ବିଶ୍ୱସନୀୟତା ନେଇ ବୃଦ୍ଧି ପାଉଥିବା ଆହ୍ୱାନଗୁଡ଼ିକ ପରିପ୍ରେକ୍ଷୀରେ ଶ୍ରୀ ଗୁଟେରସ୍ ଏହା କହିଛନ୍ତି । ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପି. ହରିସ୍ କହିଛନ୍ତି, ଆନ୍ତର୍ଜାତିକ ନିୟମଗୁଡ଼ିକର କାର୍ଯ୍ୟକାରିତା ନେଇ ସଂସ୍କାରମୂଳକ ପରିବର୍ତ୍ତନ ସହ ସ୍ଥାୟୀ ସଦସ୍ୟ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ରହିଛି । ଜାତିସଂଘ ସୁରକ୍ଷା ପରିଷଦର ଏକ ଉଚ୍ଚସ୍ତରୀୟ ମୁକ୍ତ ବିତର୍କରେ ଭାଗ ନେଇ ପି. ହରିସ୍ କହିଛନ୍ତି, ବିଶ୍ୱସ୍ତରୀୟ ସମସ୍ୟାଗୁଡ଼ିକର ସଠିକ୍ ଭାବରେ ସମାଧାନ ନ କରାଯିବା ଫଳରେ ଜାତିସଂଘର ବିଶ୍ୱସନୀୟତା ଏକ ପରୀକ୍ଷାମୂଳକ ସମୟ ଦେଇ ଗତି କରୁଛି ।

# ଏନ୍‌ଏସ୍‌ଡି-ଭାରତ ରଙ୍ଗମହୋତ୍ସବ

ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା ଆଜିଠାରୁ ବିଶ୍ୱର ସର୍ବବୃହତ ଅନ୍ତର୍ଜାତୀୟ ନାଟ୍ୟ ମହୋତ୍ସବ, ଭାରତ ରଙ୍ଗ ମହୋତ୍ସବ ୨୦୨୬ ର ୨୫ତମ ସଂସ୍କରଣ ଆରମ୍ଭ କରିବ । ଏହି ମହୋତ୍ସବ ଫେବୃଆରୀ ୨୦ ପର୍ଯ୍ୟନ୍ତ ଜାରି ରହିବ । ସୂଚନା ଅନୁଯାୟୀ ଭାରତ ରଙ୍ଗମହୋତ୍ସବ ଦେଶବ୍ୟାପୀ ୪୦ଟି ସ୍ଥାନରେ ମଞ୍ଚସ୍ଥ ହେବ, ଯାହା ସାତଟି ମହାଦେଶର ପ୍ରତ୍ୟେକ ଦେଶରୁ ଅତି କମରେ ଗୋଟିଏ ପ୍ରଯୋଜନା ସହିତ ବିଶ୍ୱ ସାଂସ୍କୃତିକ ପ୍ରତିନିଧିତ୍ୱକୁ ଦୃଢ଼ କରିବ ।

ମହୋତ୍ସବ ସମୟରେ ୧୨ ଟି ଅନ୍ତର୍ଜାତୀୟ ପ୍ରଯୋଜନା ସହିତ ୧୩୬ଟି ମନୋନୀତ ନାଟକ ଏବଂ ୨୭୭ଟି ଭାରତୀୟ ନାଟକ ପ୍ରଦର୍ଶନ ହେବ। ମହୋତ୍ସବରେ ୨୨୮ଟି ଭାରତୀୟ ଏବଂ ବିଦେଶୀ ଭାଷା ଓ ଉପଭାଷାରେ ନାଟକଗୁଡ଼ିକ ମଞ୍ଚସ୍ଥ ହେବ । ମୈଥିଳୀ, ଭୋଜପୁରୀ, ଟୁଲୁ, ଉର୍ଦ୍ଦୁ, ସଂସ୍କୃତ, ତାଇ ଖାମତି, ନ୍ୟଶୀ ଭାଷାରେ ପ୍ରଦର୍ଶନ ସହିତ ସମସ୍ତ ପ୍ରମୁଖ ଭାରତୀୟ ଭାଷା, ଆଦିବାସୀ ଏବଂ ଲୁପ୍ତପ୍ରାୟ ଭାଷାର ନାଟକ ମଧ୍ୟ ପ୍ରଦର୍ଶନ କରାଯିବ ।